# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଜ୍ଞାନ  ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି

**ସପ୍ତାହ- ୪୩** **ବିଶେଷ ବୁଲେଟିନ୍** **ରବିବାର, ତାରିଖ: ୨୫.୧୦.୨୦୨୬**

**ଜିଲ୍ଲା: କଳାହାଣ୍ଡି**

| | |
|---|---|
| **ତୃତୀୟ ଦିନ :** ୨୭-୧୦-୨୦୨୬ ସକାଳ ୦୮.୩୦ ରୁ ୨୮-୧୦-୨୦୨୬ ସକାଳ ୦୮.୩୦ ପର୍ଯ୍ୟନ୍ତ ବୈଧ | **ହଳଦିଆ ଚେତାବନୀ (ସତର୍କ ରୁହନ୍ତୁ) :-** ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ **ବଜ୍ରପାତ ସହିତ ପ୍ରବଳ ବର୍ଷା (୭ ରୁ ୧୧ ସେ.ମି.)** ଏବଂ **ଘଣ୍ଟା ପ୍ରତି ୩୦ ରୁ ୫୦ କି.ମି. ବେଗରେ ଝଟକା ପବନର** ହେବାର ଅଧିକ ସମ୍ଭାବନା ରହିଛି। |
| **ଚତୁର୍ଥ ଦିନ :** ୨୮-୧୦-୨୦୨୬ ସକାଳ ୦୮.୩୦ ରୁ ୨୯-୧୦-୨୦୨୬ ସକାଳ ୦୮.୩୦ ପର୍ଯ୍ୟନ୍ତ ବୈଧ | **ଅରେଞ୍ଜ ଚତାବନୀ (କାର୍ଯାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତୁତ ରୁହନ୍ତୁ ) :-** ଜିଲ୍ଲାରେ ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହିତ **ପ୍ରବଳ ରୁ ଅତି ପ୍ରବଳ (୭ ରୁ ୨୦ ସେ.ମି.)** ବର୍ଷା ଏବଂ ଝଟକା ପବନର ବେଗ **ଘଣ୍ଟା ପ୍ରତି ୪୦ ରୁ ୬୦** କି.ମି ହେବାର ସମ୍ଭାବନା ରହିଛି । |

## ପ୍ରଭାବ ଆଧାରିତ ପାଣିପାଗ ଭିତ୍ତିକ କୃଷି ପରାମର୍ଶ

| ଫସଲ | ଅବସ୍ଥା | ଫସଲ ଉପରେ ପ୍ରଭାବ | କୃଷି ଉପଦେଶ |
|---|---|---|---|
| **ଧାନ** | ଫୁଲ ବାହାରିବା ରୁ ପାକଳ ଅବସ୍ଥା | ▪ ପ୍ରବଳ ବର୍ଷା କାରଣରୁ ଫସଲରେ ରୋଗ ଏବଂ ପୋକର ମାତ୍ରା ବୃଦ୍ଧି ପାଇ ପାରେ ।<br>▪ ପତ୍ରାଛାଦପୋଡ଼ା ଏବଂ ପତ୍ରାଛାଦପୋଡ଼ା ସଢ଼ା ରୋଗ , କେଣ୍ଡା କଟା ପୋକ ବର୍ଷା ଛାଡି ଗଲା ପରେ ଦେଖା ଦେଇପାରେ ।<br>▪ ପ୍ରବଳ ବର୍ଷା ଯୋଗୁଁ ଗଛ ପଡି ଯିବାର ସମ୍ଭାବନା ଅଛି ।<br>▪ ପ୍ରବଳ ବର୍ଷା ଯୋଗୁଁ ଜଳବନ୍ଦୀ ସମସ୍ୟା ଦେଖା ଦେଇପାରେ । | ▪ କେଣ୍ଡା ରେ 85 ପ୍ରତିଶତ ଧାନ ପାଚି ଯାଇଥିଲେ ସମ୍ଭବ ହେଲେ ତାହାକୁ ତୁରନ୍ତ ଅମଳ କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରନ୍ତୁ ।<br>▪ କୀଟ ନାଶକ ପ୍ରୟୋଗ  ବର୍ଷା ଛାଡ଼ିବା ପର୍ଯନ୍ତ ସ୍ଥଗିତ  ରଖନ୍ତୁ।<br>▪ ବର୍ଷା ଛାଡିଲା ପରେ ଫସଲରେ ରୋଗ ପୋକର ଉପସ୍ଥିତି କୁ ନିୟମିତ ନିରୀକ୍ଷଣ କରନ୍ତୁ ।<br>▪ ପତ୍ରାଛାଦପୋଡ଼ା ରୋଗ ବର୍ଷା ଛାଡି ଗଲା ପରେ ଦେଖା ଦେଇପାରେ । ଲକ୍ଷଣ ଦେଖାଦେଲେ ପ୍ରତିକାର ପାଇଁ ଟେବୁକୋନାଜୋଲ୍ ୫୦ % + ଟ୍ରାଇଫ୍ଲକ୍ସିଷ୍ଟ୍ରୋବିନ୍ ୨୫ % ଡବ୍ଲୁ .ଜି. ୦.୪ ଗ୍ରା. କିମ୍ବା ପ୍ରୋପିକୋନାଜୋଲ୍୨୫ % ଇ.ସି ୧ ମି.ଲି କୁ ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।<br>▪ ଜମିରୁ ମାତ୍ରାଧିକ ପାଣିର ନିଷ୍କାସନ ପାଇଁ ନାଳି କୁ ସୁଦୃଢ କରନ୍ତୁ ଏବଂ ନାଳି ମୁହଁ ଖୋଲା ରଖନ୍ତୁ । |
| **କପା** | ଫୁଲ ରୁ ବକରା ଫୁଟିବା ଅବସ୍ଥା | ▪ ପ୍ରବଳ ବର୍ଷା ଯୋଗୁଁ ଜଳବନ୍ଦୀ ସମସ୍ୟା ଦେଖା ଦେଇପାରେ  ଏବଂ ପାଣି ଜମି ରହିଲେ ଫସଲ ନଷ୍ଟ ହେବାର ସମ୍ଭାବନା ଅଛି ।<br>▪ ପ୍ରବଳ ବର୍ଷା ଯୋଗୁଁ ଗଛ ପଡି ଯିବାର ସମ୍ଭାବନା ଅଛି ।<br>▪ ପ୍ରବଳ ବର୍ଷା ଯୋଗୁଁ  ହଟାତ ଝାଉଁଳି ଯିବାର  ସମ୍ଭାବନା ଅଛି ।<br>▪ ପତ୍ର ନାଲିଚିଆ  ହେବାର ସମ୍ଭାବନା<br>▪ ପ୍ରବଳ ବର୍ଷା କାରଣରୁ ଫସଲରେ ରୋଗ ଏବଂ ପୋକର ମାତ୍ରା ବୃଦ୍ଧି ପାଇ ପାରେ । | ▪ ସଂପୂର୍ଣ ଫୁଟି ଯାଇଥିବା ବକରା ଗୁଡ଼ିକୁ ଅମଳ କରନ୍ତୁ ଏବଂ ସୁରକ୍ଷିତ ଏବଂ ଶୁଖିଲା ସ୍ଥାନରେ ରଖନ୍ତୁ ।<br>▪ ଜମିରୁ ବଳକା ପାଣି କୁ  ନିଷ୍କାସନ ନିମନ୍ତେ ନାଳି ପ୍ରସ୍ତୁତ କରନ୍ତୁ  ।<br>▪ ଜୀବନାଶକ ପ୍ରୟୋଗ  ବର୍ଷା ଛାଡ଼ିବା ପର୍ଯନ୍ତ ସ୍ଥଗିତ  ରଖନ୍ତୁ।<br>▪ ପ୍ରବଳ ବର୍ଷା ଯୋଗୁଁ  କପା ଗଛ ହଟାତ ଝାଉଁଳି  ଯିବାର ସମ୍ଭାବନା ଅଛି। ତେଣୁ  ପ୍ରତି ଲିଟର ପାଣିରେ କୋବାଲ୍ଟ କ୍ଲୋରାଇଡ ୧୦ ମି. ଗ୍ରା. ହିସାବରେ ମିଶାଇ ଆକ୍ରାନ୍ତ ହେଇଥିବା ଗଛ ଗୁଡ଼ିକରେ ତୁରନ୍ତ ପ୍ରୟୋଗ କରନ୍ତୁ କିମ୍ବା କପର ଅକ୍ସି କ୍ଲୋରାଇଡ ୨୫ ଗ୍ରା. ପ୍ରତି ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜେଇ ଦିଅନ୍ତୁ ।<br>▪ ପାଣି ଜମୁଥିବା ଜାଗାରେ ପତ୍ର ନାଲିଚିଆ ଦେଖା ଯାଉଥିଲେ ଏକ ଲିଟର ପାଣିରେ ୧୦ ଗ୍ରା. ମାଗ୍ନେସିୟମ ସଲଫେଟ ଏବଂ ୧୦ ଗ୍ରା. ୟୁରିଆ କୁ ମିଶାଇ ସିଞ୍ଚନ କରନ୍ତୁ ।<br>▪ ବର୍ଷା ଛାଡିଲା ପରେ ଫସଲରେ ରୋଗ ପୋକର ଉପସ୍ଥିତି କୁ ନିୟମିତ ନିରୀକ୍ଷଣ କରନ୍ତୁ । |
| **ମକା, ଡାଲି ଓ ତୈଳବୀଜ ଜାତୀୟ ଫସଲ** | ବୀଜ ପୂର୍ତି ରୁ ପାକଳ ଅବସ୍ଥା | ▪ ପ୍ରବଳ ବର୍ଷା ସକାଶେ ପାଣି ଜମିବା ଦ୍ୱାରା ଫସଲ ନଷ୍ଟ ହୋଇପାରେ।<br>▪ ଭାରି ବର୍ଷା ଏବଂ ପବନ ଯୋଗୁ ଗଛ ତଳକୁ ନଇଁ ଯିବାର ସମ୍ଭାବନା ରହିଛି। | ▪ ସମ୍ଭବ ହେଲେ ପାକଳ ହୋଇଯାଇଥିବା ଫସଲ କୁ ତୁରନ୍ତ ଅମଳ କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରନ୍ତୁ ।<br>▪ ଜମିରୁ ବଳକା ପାଣି କୁ  ନିଷ୍କାସନ କରନ୍ତୁ ।<br>▪ କୀଟନାଶକ ପ୍ରୟୋଗ  ବର୍ଷା ଛାଡ଼ିବା ପର୍ଯନ୍ତ ସ୍ଥଗିତ  ରଖନ୍ତୁ। |

| | | | |
|---|---|---|---|
| | | ▪ ପ୍ରବଳ ବର୍ଷା କାରଣରୁ ଫସଲରେ ରୋଗ ଏବଂ ପୋକର ମାତ୍ରା ବୃଦ୍ଧି ପାଇ ପାରେ । | ▪ ବର୍ଷା ଛାଡିଲା ପରେ ଫସଲରେ ରୋଗ ପୋକର ଉପସ୍ଥିତି କୁ ନିୟମିତ ନିରୀକ୍ଷଣ କରନ୍ତୁ । |
| **ପନିପରିବା** | ତଳିଘରା/ବୁଣା ଠାରୁ ପାକଳ ଅବସ୍ଥା | ▪ ପ୍ରବଳ ବର୍ଷା ସକାଶେ ପାଣି ଜମିବା ଦ୍ଵାରା ଫସଲ ନଷ୍ଟ ହୋଇପାରେ।<br>▪ ଚାରା ସଢ଼ି ଯାଇ ନଷ୍ଟ ହେବାର ସମ୍ଭାବନା ରହିଛି।<br>▪ ତଳିଘରାକୁ କ୍ଷତି ପହଞ୍ଚିବାର ସମ୍ଭାବନା<br>▪ ପାଣି ଜମି ରହିବା ଯୋଗୁଁ ଝାଉଂଳା ଓ ମୂଳ ସଢା ଦେଖା ଦେବାର ସମ୍ଭାବନା ଅଛି ।<br>▪ ଗଛ ତଳକୁ ନଇଁ ଯିବାର ସମ୍ଭାବନା ରହିଛି।<br>▪ ପବନ ଓ ଭାରି ବର୍ଷା କାରଣରୁ ଟ୍ରେଲିକୁ କ୍ଷତି ପହଞ୍ଚି ପାରେ।<br>▪ ପ୍ରବଳ ବର୍ଷା କାରଣରୁ ଫସଲରେ ରୋଗ ଏବଂ ପୋକର ମାତ୍ରା ବୃଦ୍ଧି ପାଇ ପାରେ । | ▪ ଅମଳ ଉପଯୋଗୀ ପନିପରିବା କୁ ଯଥା ଶୀଘ୍ର ଅମଳ କରି ଦିଅନ୍ତୁ ଏବଂ ସୁରକ୍ଷିତ ସ୍ଥାନରେ ରଖନ୍ତୁ ।<br>▪ ପାଣିପାଗ ସ୍ଥିତିରେ ସୁଧାର ନ ଆସିବା ଏବଂ ଫସଲ ସଫଳତାର ସହ ଗଜା/ପ୍ରତିଷ୍ଠିତ ହେବା ପାଇଁ ପାଗ ଅନୁକୂଳ ନ ହେବା ପର୍ଯ୍ୟନ୍ତ ନିର୍ଦ୍ଧାରିତ ବୁଣାବୁଣି ଓ ରୋପଣ କାର୍ଯ୍ୟକୁ ପୁନଃସୂଚୀତ କରନ୍ତୁ।<br>▪ ବିଲାତି ବାଇଗଣ (ଟମାଟୋ), ଲଙ୍କା, ବାଇଗଣ ଏବଂ କୋବି ଜାତୀୟ ଫସଲର ନର୍ସରୀ/ତଳିଘରାକୁ ପ୍ଲାଷ୍ଟିକ୍ କଭର କିମ୍ବା ପଲିଥିନ୍ ସିଟ୍ ଦ୍ଵାରା ଘୋଡ଼ାଇବାର ବ୍ୟବସ୍ଥା କରନ୍ତୁ।<br>▪ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁ କୁ ଖୋଲା ରଖନ୍ତୁ ।<br>▪ ଜୀବନାଶକ ଓ ସାର ପ୍ରୟୋଗ  ବର୍ଷା ଛାଡ଼ିବା ପର୍ଯ୍ୟନ୍ତ ସ୍ଥଗିତ ରଖନ୍ତୁ।<br>▪ ଭାରି ବର୍ଷା କାରଣରୁ ନଇଁ ପଡ଼ିଥିବା ବା ଦୁର୍ବଳ ହେଇଯାଇଥିବା ଗଛ ଗୁଡ଼ିକୁ ବାଡ଼ି କିମ୍ବା ବାଉଁଶ ଦ୍ଵାରା ସ୍ଥିରତା ପ୍ରଦାନ କରନ୍ତୁ ।<br>▪ ବର୍ଷା ପରେ ପନିପରିବା ଫସଲରେ ଝାଉଂଳା ଓ ମୂଳ ସଢ଼ା ଦେଖା ଦେବାର ସମ୍ଭାବନା ଅଛି ତେଣୁ ବର୍ଷା ଛାଡି ଗଲା ପରେ ପ୍ରତି ୧୦ ଲିଟର ପାଣିରେ ୨୦ ଗ୍ରାମ ମେଟାଲାକ୍ସିଲ + ମାଙ୍କୋଜେବ୍ ଓ ୧୦ ଗ୍ରାମ ସ୍ଟ୍ରେପ୍ଟୋମାଇସିନ କୁ ମିଶାଇ ଗଛର ମୂଳରେ ସିଂଚନ କରନ୍ତୁ<br>▪ ଟ୍ରେଲି ପଦ୍ଧତିରେ ଚାଷ କରିଥିଲେ ଟ୍ରେଲି କୁ ଭଲଭାବେ ନିରୀକ୍ଷଣ କରନ୍ତୁ ଏବଂ ଦୁର୍ବଳ ଥିବା ସ୍ଥାନରେ ଅଧିକ ମଜବୁତ୍ କରିବାର ବ୍ୟବସ୍ଥା କରନ୍ତୁ।<br>▪ ବର୍ଷା ଛାଡିଲା ପରେ ଫସଲରେ ରୋଗ ପୋକର ଉପସ୍ଥିତି କୁ ନିୟମିତ ନିରୀକ୍ଷଣ କରନ୍ତୁ । |
| **ପଶୁପାଳନ** | | ▪ ଗୁହାଳ ପ୍ରତି କ୍ଷତି<br>▪ ଖାଦ୍ୟ ର ଅଭାବ<br>▪ ଥଣ୍ଡା ଓ ଫ୍ଲୁ | ▪ ଆବଶ୍ୟକ ସ୍ଥଳେ ବର୍ଷା ପୂର୍ବରୁ ଗୁହାଳକୁ ମରାମତି କରନ୍ତୁ ଯେପରିକି ବର୍ଷା ପାଣି ଗୁହାଳ ଭିତର ପ୍ରବେଶ କରିବ ନାହିଁ ।<br>▪ ପରିଷ୍କାର ପାନୀୟ ଜଳ ର ବ୍ୟବସ୍ଥା କରନ୍ତୁ ।<br>▪ ବର୍ଷା ରୁ ନଷ୍ଟ ନହେବା ପାଇଁ ଦାନା ଓ ଘାସ କୁ ସୁରକ୍ଷିତ ସ୍ଥାନରେ ସଂଗ୍ରହ କରି ରଖନ୍ତୁ ।<br>▪ ପଶୁମାନଙ୍କୁ ଘର ଭିତରେ ରଖନ୍ତୁ । |


**ନୋଡାଲ ଅଫିସର**

**ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା**


ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକାୟା ଯାଆଁଳ, କୁକୁଡ଼ା ଛିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**